# NATIONAL NEWS BULLETIN (ODIA)

**28 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିମ୍‌ଷ୍ଟେକ୍ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତା ମାସ ୩ ତାରିଖରୁ ବ୍ୟାଙ୍କକ୍ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ
- ସମାଜବାଦୀ ପାର୍ଟି ସାଂସଦଙ୍କ ମନ୍ତବ୍ୟ ନେଇ ହୋହଲ୍ଲା ଜାରି ରହିବାରୁ ରାଜ୍ୟସଭା ମଧ୍ୟାହ୍ନ ପର୍ଯ୍ୟନ୍ତ ମୁଲତବୀ
- ପାକିସ୍ତାନରେ ସଂଖ୍ୟାଲଘୁଙ୍କ ପ୍ରତି ହେଉଥିବା ଆଚରଣକୁ ଅନୁଧ୍ୟାନ କରାଯିବା ସହ ଆନ୍ତର୍ଜାତିକ ସ୍ତରରେ ଏହାକୁ ଭାରତ ଉପସ୍ଥାପନ କରିବ, କହିଲେ ବୈଦେଶିକ ମନ୍ତ୍ରୀ ।
- ମ୍ୟାଁମାରରେ ବଡ଼ଧରଣର ଭୂମିକମ୍ପ ଅନୁଭୂତ, ତୀବ୍ରତା ୭ ଦଶମିକ ୭ ରେକର୍ଡ

ଏବଂ

- ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଁ ଏପ୍ରିଲ୍ ପହିଲାରୁ ଆରମ୍ଭ ହେବ ଆବେଦନ ।

---

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଷଷ୍ଠ ବିମ୍‌ଷ୍ଟେକ୍ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତାମାସ ୩ ତାରିଖରୁ ବ୍ୟାଙ୍କକ୍‌କୁ ୨ ଦିନିଆ ଗସ୍ତରେ ଯିବେ । ଥାଇଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ପାଇଟୋଙ୍ଗ୍‌ଟାମ୍ ସିନାଓ୍ୱାର୍ଟାଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ

ମୋଦୀ ଏହି ଗସ୍ତ କରୁଛନ୍ତି । ଥାଇଲ୍ୟାଣ୍ଡକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଏହା ହେବ ତୃତୀୟ ଗସ୍ତ । ଏହି ଗସ୍ତ କାଳରେ ସେ ବିମ୍‌ଷ୍ଟେକ୍ ନେତାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ଥାଇଲ୍ୟାଣ୍ଡ ଗସ୍ତ ସାରି ଶ୍ରୀ ମୋଦୀ ଶ୍ରୀଲଙ୍କା ଯିବେ । ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାରା ଦିଶା ନାୟକେଙ୍କ  ନିମନ୍ତ୍ରଣ କ୍ରମେ ସେ ଏହି ଗସ୍ତ କରୁଛନ୍ତି । ପୂର୍ବରୁ ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ସମୟରେ ହୋଇଥିବା ବିଭିନ୍ନ ସମନ୍ୱୟ ବୁଝାମଣା ପ୍ରସଙ୍ଗ ନେଇ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବାର  ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀ ମଧ୍ୟ ବରିଷ୍ଠ ପ୍ରତିନିଧି ଏବଂ ରାଜନୈତିକ ନେତାମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହାପରେ ଶ୍ରୀ ମୋଦୀ ଭାରତର ସହଯୋଗରେ ଅନୁରାଧାପୁରା ଠାରେ କାର୍ଯ୍ୟକାରୀ ହେବାକୁଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଲାଗି ସେଠାକୁ ଯିବେ ।

---

# ପିଏମ୍-ମହାରାଷ୍ଟ୍ର

ପ୍ରଧାନନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖରେ ମହାରାଷ୍ଟ୍ର ଏବଂ ଛତିଶଗଡ଼ ଗସ୍ତ କରିବେ । ମହାରାଷ୍ଟ୍ର ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ନାଗପୁର ଯାଇ ସ୍ମୃତି ମନ୍ଦିର ଦର୍ଶନ କରିବେ । ଏହାପରେ ସେ ଦୀକ୍ଷାଭୂମି ଯିବେ। ପରେ ନାଗପୁରଠାରେ ମାଧବ ନେତ୍ରାଳୟ ପ୍ରିମିୟମ୍ ସେଣ୍ଟରର ଶିଳାନ୍ୟାସ କରିବେ ଏବଂ ସେଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ । ଶ୍ରୀ ମୋଦୀ ମଧ୍ୟ ଏକ ଟେଷ୍ଟିଂ ରେଞ୍ଜ୍‌ର ଉଦ୍‌ଘାଟନ କରିବେ ଏବଂ ସୋଲାର ଡିଫେନ୍ସ ଏବଂ ଏରୋସ୍ପେସ୍ ଲିମିଟେଡ୍‌ର ରନ୍‌ୱେ ସୁବିଧାର ଶୁଭ ଉଦ୍‌ଘାଟନ କରିବେ । ମହାରାଷ୍ଟ୍ର ଗସ୍ତ ସାରି ପ୍ରଧାନମନ୍ତ୍ରୀ ଛତିଶଗଡ଼ର ବିଳାସପୁର  ଯିବେ ଏବଂ ସେଠାରେ ୩୩ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ

ଉତ୍ସର୍ଗ କରିବେ । ପ୍ରଧାନମନ୍ତ୍ରୀ ସେଠାରେ ସାଧାରଣ ଜନତାଙ୍କୁ ମଧ୍ୟ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

---

## ରାଜ୍ୟସଭା-ଆଡ୍‌ଜର୍ଣ୍ଣ

ରାଜ୍ୟସଭାରେ ହୋହଲ୍ଲା ଜାରି ରହିବାରୁ ଗୃହକୁ ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ସମାଜବାଦୀ ପାର୍ଟି ସାଂସଦ ରାମଜୀ ଲାଲ ସୁମନ୍  ଷୋଡ଼ଶ ଶତାବ୍ଦୀର ରାଜପୁତ ଶାସକ ସ୍ୱାଧୀନତା ସଂଗ୍ରାମୀ ରାଣା ସାଙ୍ଗାଙ୍କ ବିରୁଦ୍ଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାକୁ ନେଇ ହୋହଲ୍ଲା ଜାରି ରହିଥିଲା । ପୂର୍ବାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସଦସ୍ୟମାନେ ଏହି ପ୍ରସଙ୍ଗ ଉତ୍‌ଥାପନ କରି ସାଂସଦ ସୁମନଙ୍କୁ ତାଙ୍କର ମତାମତ ପାଇଁ କ୍ଷମା ମାଗିବା ଲାଗି ଦାବି କରିଥିଲେ ।

ଅଧ୍ୟକ୍ଷ ଜଗଦୀପ ଧଡ଼ଖଡ଼ କହିଛନ୍ତି, କୌଣସି ଜାତୀୟ ନେତାଙ୍କ ବିରୁଦ୍ଧରେ ଅପମାନ ସୂଚକ ମନ୍ତବ୍ୟ ଶୋଭନୀୟ ନୁହେଁ । ସଦସ୍ୟମାନେ ଏପରି ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କୌଣସି ମନ୍ତବ୍ୟ ଦେବା ସମୟରେ ସଚେତନତା ଅବଲମ୍ବନ କରିବା ଉଚିତ । ଏପରି କୌଣସି ମନ୍ତବ୍ୟ ସାଧାରଣ ଜନତାଙ୍କ ମନୋଭାବକୁ କ୍ଷତି ପହଞ୍ଚାଇବା ପାଇଁ ଭଳି ଉଚିତ ନୁହେଁ ବୋଲି ଶ୍ରୀ ଧନଖଡ଼ କହିଛନ୍ତି । ସେହିପରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଗୃହର ଅଧ୍ୟକ୍ଷ ଯାହା କହିଛନ୍ତି ତାହାକୁ ସମସ୍ତ ସଦସ୍ୟ ଅନୁସରଣ କରିବା ଉଚିତ । କୌଣସି ଜାତୀୟ ନେତାଙ୍କୁ ଅପମାନ ଦେବା ଆଦୌ ଉଚିତ ନୁହେଁ । ସେ କହିଛନ୍ତି ସମାଜବାଦୀ ପାର୍ଟି ନେତା ଦେଇଥିବା ମନ୍ତବ୍ୟକୁ କଂଗ୍ରେସ ଏବଂ ଅନ୍ୟ ବିରୋଧୀଦଳ ନେତାମାନେ ନିନ୍ଦା କରିବା ଉଚିତ ।

କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ ମଧ୍ୟ ସମାଜବାଦୀ ପାର୍ଟି ନେତାଙ୍କ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି ।

ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ଦେଶପାଇଁ ସଂଗ୍ରାମ କରିଥିବା ପ୍ରତ୍ୟେକଙ୍କୁ ସମ୍ମାନ ଦେବା ଉଚିତ ।

ଏହି ପ୍ରସଙ୍ଗ ନେଇ ହୋହଲ୍ଲା ଜାରି ରହିବାରୁ ଅଧ୍ୟକ୍ଷ ଦିନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

---

## ଏଲ୍ଏସ୍-ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି କହିଛନ୍ତି, ପାକିସ୍ତାନରେ ସଂଖ୍ୟାଲଘୁଙ୍କ ପ୍ରତି ହେଉଥିବା ଆଚରଣକୁ ଭାରତ ଅନୁଧ୍ୟାନ କରିବା ସହ ଏହାକୁ  ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଭାରତ ଉପସ୍ଥାପନ କରିବ ।

ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଜାତିସଂଘର ମାନବିକ ଅଧିକାର ପରିଷଦରେ ଥିବା ଭାରତୀୟ ପ୍ରତିନିଧିମାନେ ନିକଟରେ ପାକିସ୍ତାନ ମାନବିକ ଅଧିକାର ଉଲ୍ଲଂଘନର ସ୍ୱର ଉତ୍ତୋଳନ କରିଥିଲେ । ସେ କହିଛନ୍ତି ଜାତିସଂଘ ସାଧାରଣ ପରିଷଦରେ ଭାରତୀୟ ରାଷ୍ଟ୍ରଦୂତ  ମଧ୍ୟ ସଂପ୍ରତି ପାକିସ୍ତାନର କଠୋର ମନୋଭାବ ସଂପର୍କରେ ନିଜର ମତ ପ୍ରକାଶ କରିଥିଲେ । ମନ୍ତ୍ରୀ ଶ୍ରୀ ଜୟଶଙ୍କର ଗୃହରେ ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ଫେବୃୟାରୀରେ ପାକିସ୍ତାନରେ ହିନ୍ଦୁ ସଂପ୍ରଦାୟ ବିରୋଧୀ ୧୦ଟି ଆକ୍ରମଣ ମାମଲା ଆସିଛି ।

ସେହିପରି ୭ଟି ଅପହରଣ ଏବଂ ବଳପୂର୍ବକ ଧର୍ମ ପରିବର୍ତ୍ତନ ମାମଲା ରହିଛି । ହୋଲି ପାଳନ କରୁଥିବା ଛାତ୍ରଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମଧ୍ୟ ସାମନାକୁ ଆସିଛି । ସେହିପରି ପାକିସ୍ତାନରେ ଶିଖ୍ ସଂପ୍ରଦାୟ ବିରୁଦ୍ଧରେ ୩ଟି ଘଟଣା ଘଟିଥିବା ସେ ଉଲ୍ଲେଖ କରିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି ଭାରତ, ଏହି ସମସ୍ତ ଘଟଣାକୁ ଆନ୍ତର୍ଜାତିକ ସ୍ତରରେ ଉପସ୍ଥାପନ କରିବ । ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଭାରତ ମଧ୍ୟ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ପ୍ରତି ହେଉଥିବା ଆଚରଣ ପ୍ରତି ତୀକ୍ଷ୍ଣ ନଜର ରଖିଛି । ୨୦୨୪ ମସିହାରେ ସଂଖ୍ୟାଲଘୁଙ୍କ ପ୍ରତି ହୋଇଥିବା ୪୦୦ଟି ଘଟଣା ଏବଂ ୨୦୨୫ ମସିହାରେ ୭୨ଟି ଘଟଣା ଘଟିଥିବା ସେ କହିଛନ୍ତି । ଏ ସଂପର୍କରେ ବାଂଲାଦେଶ ପ୍ରତିପକ୍ଷଙ୍କ ସହ ସେ ଆଲୋଚନା କରିଛନ୍ତି ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି ।

# ଆର୍ଥକ୍ୱେକ୍

ମ୍ୟାଁମାରରେ ଆଜି ଏକ ବଡ଼ଧରଣର ଭୂମିକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭ ଦଶମିକ ୭ ରେକର୍ଡ କରାଯାଇଛି । ଏହି ଭୂମିକମ୍ପରେ ମ୍ୟାଁମାରର ଇରାଓ୍ୱାଡ଼ି ନଦୀ ଉପରେ ନିର୍ମିତ ଆଭାବ୍ରିଜ୍ ଭାଙ୍ଗି ନଷ୍ଟ ହୋଇଯାଇଛି । ଭୂମିକମ୍ପର କେନ୍ଦ୍ରସ୍ଥଳ ସାଗାଇଁ ରହିଥିଲା । ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ଠାରୁ ୯୦୦ କିଲୋମିଟର ଦୂରରେ ଭୂମିକମ୍ପର ତୀବ୍ରତା ଅନୁଭୂତ ହୋଇଥିଲା । ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ଚାଲିଆସିଥିଲେ । ନଦୀ ଓ ସମୁଦ୍ରର ଜଳରାଶି ଉପରକୁ ଉଠିଯାଇଥିଲା । ବଡ଼ବଡ଼ କୋଠାଗୁଡ଼ିକୁ ତୁରନ୍ତ ଖାଲି କରାଯାଇଥିଲା । ଭୂକମ୍ପ କ୍ଷୟକ୍ଷତି ସଂପର୍କରେ ସଠିକ୍ ରିପୋର୍ଟ ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ।

# ଜେକେ-ଏନ୍‌କାଉଣ୍ଟର

ଜାମ୍ମୁ କାଶ୍ମୀରର କାଠୁଆ ଜିଲ୍ଲା ଅନ୍ତର୍ଗତ ଉପାନ୍ତ ଜଙ୍ଗଲ ଅଞ୍ଚଳରେ ସୁରକ୍ଷାକର୍ମୀମାନେ ଆଜି ପୁଣି ସନ୍ତ୍ରାସବାଦୀ ନିରୋଧୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ସେହି ଅଞ୍ଚଳରେ ସୁରକ୍ଷାକର୍ମୀ ଏବଂସନ୍ତ୍ରାସବାଦୀମାନଙ୍କ ମଧ୍ୟରେ ସଂଘର୍ଷରେ ୩ ଜଣ ସନ୍ତ୍ରାସବାଦୀଙ୍କ ଏବଂ ୩ ଜଣ ପୋଲିସ୍ କର୍ମଚାରୀଙ୍କର ମୃତ୍ୟୁ ଘଟିଛି । ଗତକାଲି ଉଭୟ ପକ୍ଷର ବିରୁଦ୍ଧରେ ଗୁଳିଚାଳନାରେ ଜଣେ ସୁରକ୍ଷା ଅଧିକାରୀଙ୍କ ସମେତ ଅନ୍ୟ ୭ ଜଣ ସୁରକ୍ଷା କର୍ମଚାରୀ ଆହତ ହୋଇଥିଲେ । ସୁରକ୍ଷା ବାହିନୀ ପକ୍ଷରୁ ସେହି ଅଞ୍ଚଳକୁ ଘେରାଉ କରି ଖାନତଲାସ ଜାରି ରହିଛି ।

ସନ୍ତ୍ରାସବାଦୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଉନଥିବାରୁ ସେହି ଅଞ୍ଚଳରେ ଥିବା ସମସ୍ତ ସନ୍ତ୍ରାସବାଦୀଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି । ଡ୍ରୋନ୍ ମାଧ୍ୟମରେ ସନ୍ତ୍ରାସବାଦୀଙ୍କର ୩ଟି ମୃତଦେହ ଠାବ କରାଯାଇଛି । ରାଜବାଗ୍‌ର ଘାଟି ଜୁଥାନା ଅଞ୍ଚଳର ଜାଖୁଲେ ଗ୍ରାମ ନିକଟରେ ତଲାସି ଅଭିଯାନ ଗତକାଲିଠାରୁ ଜୋରଦାର କରାଯାଇଛି । ପାକିସ୍ତାନ ଭିତ୍ତିକ ଜେସ୍‌ଇ ମହମ୍ମଦ ସନ୍ତ୍ରାସବାଦୀ ଗୋଷ୍ଠୀର କର୍ମୀମାନେ ସେହି ଅଞ୍ଚଳରେ ଲୁଚି ରହିଥିବା ପୋଲିସ୍ ପକ୍ଷରୁ ସନ୍ଦେହ କରାଯାଉଛି । ସେମାନେ ହୀରାନଗର ଅଞ୍ଚଳର ଆନ୍ତର୍ଜାତିକ ସୀମାରେଖା ଅତିକ୍ରମ କରି ଭାରତ ମଧ୍ୟକୁ ଅନୁପ୍ରବେଶ କରିଥିବା ସୂଚନା ଆଧାରରେ ଅପରେସନକୁ ଜୋରଦାର କରାଯାଇଛି । ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା ସଂଘର୍ଷରେ ପ୍ରାଣ ହରାଇଥିବା ପୋଲିସ୍ କର୍ମଚାରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

# ବାଲ୍ ପୁରସ୍କାର ଆପ୍ଲିକେସନ୍

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଁ ଆବେଦନ ଆହ୍ୱାନ କରାଯାଇଛି । ଆବେଦନକାରୀମାନେ ଆସନ୍ତା ଏପ୍ରିଲ୍ ପହିଲାରୁ ନ୍ୟାସନାଲ୍ ଆୱାର୍ଡ୍ ପୋର୍ଟାଲ୍ ଜରିଆରେ ଆବେଦନ କରିପାରିବେ । ସୂଚନା ଅନୁଯାୟୀ ଚଳିତ ବର୍ଷ ଜୁଲାଇ ୩୧ ସୁଦ୍ଧା ୫ରୁ ୧୮ ବର୍ଷ ବୟସ ମଧ୍ୟରେ ଭାରତୀୟ ନାଗରିକ ଥିବା ଶିଶୁମାନେ ଏହି ପୁରସ୍କାର ପାଇଁ ଆବେଦନ କରିପାରିବେ । ସାହସିକତା, କ୍ରୀଡ଼ା, ସମାଜସେବା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପରିବେଶ, କଳା ଓ ସଂସ୍କୃତି କ୍ଷେତ୍ରରେ ସଫଳତା ପାଇଁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରାଯାଉଛି । ଚଳିତ ବର୍ଷ ଜୁଲାଇ ୩୧ ତାରିଖ ସୁଦ୍ଧା ଏଥିପାଇଁ ଆବେଦନ କରିବାକୁ ହେବ ।

# ଚିଲି ପ୍ରେସିଡେଣ୍ଟ ଭିଜିଟ୍

ଚିଲିର ରାଷ୍ଟ୍ରପତି ଗାବ୍ରିଏଲ୍ ବୋରିକ୍ ଫଣ୍ଟ୍ ଆସନ୍ତା ଏପ୍ରିଲ୍ ପହିଲାରୁ ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସିବେ । ତାଙ୍କ ସହ ଏକ ଉଚ୍ଚସ୍ତରୀୟ ଦଳ ମଧ୍ୟ ଭାରତ ଗସ୍ତ କରିବେ । ଏଥିରେ ମନ୍ତ୍ରୀ, ସାଂସଦ, ବରିଷ୍ଠ ପ୍ରଶାସନିକ ଅଧିକାରୀ, ବ୍ୟବସାୟିକ ସଂଘ, ଗଣମାଧ୍ୟମ ପ୍ରତିନିଧି ଓ ଭାରତ-ଚିଲି ସାଂସ୍କୃତିକ ସଂଘ ସଦସ୍ୟ ପ୍ରମୁଖ ଅଛନ୍ତି । ରାଷ୍ଟ୍ରପତି ଭାବେ ଶ୍ରୀ ଫଣ୍ଟଙ୍କ ଏହା ପ୍ରଥମ ଭାରତଗସ୍ତ ହେବ ।

ଗସ୍ତର ପ୍ରଥମ ଦିନରେ ରାଷ୍ଟ୍ରପତି ବୋରିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଭାରତ-ଚିଲି ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ

ଆଲୋଚନା କରିବେ । ଅତିଥିଙ୍କ ସମ୍ମାନରେ ପ୍ରଧାନମନ୍ତ୍ରୀ ମଧ୍ୟାହ୍ନ ଭୋଜନ ଆୟୋଜନ କରିବେ ।

ଶ୍ରୀ ବୋରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅତିଥିମାନଙ୍କ ସମ୍ମାନାର୍ଥେ ରାତ୍ରି ଭୋଜନ ଆୟୋଜନ କରିବେ । ଭାରତ ଗସ୍ତ ସାରି ଚିଲି ଫେରିବା ପୂର୍ବରୁ ରାଷ୍ଟ୍ରପତି ବୋରିକ୍ ଆଗ୍ରା, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଗସ୍ତ କରିବେ । ମୁମ୍ବାଇ ଏବଂ ବେଙ୍ଗାଲୁରୁରେ ସେ ରାଜନୈତିକ ନେତୃବୃନ୍ଦ, ବ୍ୟବସାୟୀ ଏବଂ ଶିଳ୍ପ ଗୋଷ୍ଠୀ, ଷ୍ଟାର୍ଟଅପ୍ ଓ ବୈଷୟିକ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତ ଆଲୋଚନା କରିବେ ।

ଚିଲି ସହ ଭାରତର ଦୃଢ଼ ସମ୍ପର୍କ ରହିଛି । ଆମେରିକୀୟ ଅଞ୍ଚଳରେ ଚିଲି ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶିଦାର ପାଲଟିଛି । ରାଷ୍ଟ୍ରପତି ବୋରିକ ଏହି ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ସ୍ୱାର୍ଥ ସମ୍ପନ୍ନ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

# ଅଷ୍ଟ୍ରେଲିଆ

ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟ୍ ଖେଳାଳି ଷ୍ଟିଭ୍ ଓ୍ୱ ଙ୍କୁ ଅଷ୍ଟ୍ରେଲିଆ ସରକାର ଅଷ୍ଟ୍ରେଲିଆ-ଭାରତ ସଂପର୍କ ନିର୍ଦ୍ଦେଶାବଳୀ ବୋର୍ଡ ନିମନ୍ତେ ନିଯୁକ୍ତି ଦେଇଛନ୍ତି । ଅଷ୍ଟ୍ରେଲିଆ ସରକାରଙ୍କ ଦ୍ୱାରା ୨୦୨୩ ମସିହାରେ ଅଷ୍ଟ୍ରେଲିଆ ଭାରତ ସଂପର୍କ କେନ୍ଦ୍ରର ଜାତୀୟ ପ୍ଲାଟଫର୍ମ ସ୍ଥାପନ କରାଯାଇଥିଲା । ଭାରତ ସହିତ ସୁସଂପର୍କ ଏବଂ ବିଭିନ୍ନ କ୍ଷେତ୍ରରେ

ସହଯୋଗ ସ୍ଥାପନ ଲକ୍ଷ୍ୟ ନେଇ ଏହା କରାଯାଇଥିଲା । ଏହା ସରକାରଙ୍କର ବିଭିନ୍ନ କ୍ଷେତ୍ର ଶିଳ୍ପ, ଶିକ୍ଷା, ଭାରତ-ଅଷ୍ଟ୍ରେଲିଆ ସଂପର୍କରେ ବିକାଶ ତ୍ୱରାନ୍ୱିତ  ଦିଗରେ କାର୍ଯ୍ୟ କରିଥାଏ । ଏହା ମଧ୍ୟ ଅର୍ଥନୈତିକ ଭାଗିଦାରିତା ଏବଂ ବ୍ୟବସାୟିକ ସହଯୋଗକୁ ପ୍ରୋତ୍ସାହିତ  କରିବା ନିମନ୍ତେ  କାମ କରିଥାଏ ।

.....................................................................................